بسم الله الرحمن الرحيم

**ଖୁତ୍‌ବା ଜୁମା ୧୨ ଫେବୃଆରୀ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ପାକିସ୍ତାନ ଜମାଅତ୍‌ର ଜଣେ ପୁରାତନ ତଥା ଅନୁଭବୀ ଓ ନିଷ୍ଠାପର ସେବକ ସମ୍ମାନନୀୟ ଚୌଧୁରୀ ହମିଦୁଲ୍ଲାଃ ସାହେବ, ୱକିଲୁଲ୍ ଆଲା ତେହ୍‌ରିକେ ଜଦିଦ୍‌ଙ୍କର ସୁଗୁଣାବଳୀର ବିଶ୍ୱସବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଆଜି ମୁଁ ଜମାଅତ୍‌ର ଜଣେ ପୁରାତନ ତଥା ଅନୁଭବୀ ଓ ନିଷ୍ଠାପର ସେବକ ସମ୍ମାନନୀୟ ଚୌଧୁରୀ ହମିଦୁଲ୍ଲାଃ ସାହେବଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଯାହାଙ୍କର ବିଗତ ଦିନରେ ଅକାଳ ବିୟୋଗ ଘଟିଥିଲା । ସେ ପାକିସ୍ତାନ ତେହ୍‌ରିକେ ଜଦିଦ୍‌ର ୱକିଲେ ଆଲା ଥିଲେ । ସେ ସଦର୍ ଅଞ୍ଜୁମନ୍ ମଜ୍‌ଲିସେ ତେହ୍‌ରିକେ ଜଦିଦ୍‌ର ସଭାପତି ଥିଲେ ଏବଂ ଜଲ୍‌ସା ସାଲାନର ଅଫିସର୍ ଭାବରେ ମଧ୍ୟ ସେ ଦୀର୍ଘ ଦୀନ ପର୍ଯ୍ୟନ୍ତ ଅଧିଷ୍ଠିତ ଥିଲେ । ଚଳିତ ଫେବୃୟାରୀ ମାସ ୭ ତାରିଖ ଦିନ ସେ ତାହେର୍ ହାର୍ଟ ଇନଷ୍ଟିଟ୍ୟୁଟ୍‌ରେ ୮୭ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।**

ସମ୍ମାନନୀୟ ସ୍ୱର୍ଗତ ଚୌଧୁରୀ ସାହେବଙ୍କ ପିତାଙ୍କ ନାମ ବାବୁ ମୁହମ୍ମଦ୍ ବଖ୍‌ଶ୍ ଥିଲା ଏବଂ ମାତାଙ୍କ ନାମ ଆଏଶା ବିବି ସାହେବା ଥିଲା । ସେ ଭୈରାର ସୀମାବର୍ତ୍ତୀ ଅଞ୍ଚଳର ନିବାସୀ ଥିଲେ । ସ୍ୱର୍ଗତ ଚୌଧୁରୀ ସାହେବ ୧୯୩୪ ମସିହା କ଼ାଦିୟାନ୍‌ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ତାଙ୍କ ଜନ୍ମର ଠିକ୍ ୫ ବର୍ଷ ପୂର୍ବେ ଅହେମଦିୟତ୍ ଗ୍ରହଣ କରିଥିଲେ ।

ସ୍ୱର୍ଗତ ଚୌଧୁରୀ ସାହେବ ପ୍ରାରମ୍ଭିକ ଶିକ୍ଷା କ଼ାଦିୟାନ୍‌ରେ ହିଁ ପ୍ରାପ୍ତ କରିଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆହ୍ୱାନ କ୍ରମେ ତାଙ୍କ ମାତା ତାଙ୍କୁ ଧରି ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ନିକଟକୁ ନେଇ ଯାଇଥିଲେ ଏବଂ ହୁଜୁରଙ୍କୁ କହିଲେ ଏ ହେଉଛି ମୋର ପୁତ୍ର, ମୁଁ ଏହାକୁ ଧର୍ମ ସେବା ପାଇଁ ଉତ୍ସର୍ଗ କରୁଛି । ସ୍ୱର୍ଗତ ଚୌଧୁରୀ ସାହେବ ୧୯୪୯ ମସିହାରେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ ରବ୍‌ୱାର ୱକାଲତେ ଦିୱାନ୍‌ର ଆଦେଶ କ୍ରମେ ଇଣ୍ଟରଭ୍ୟୁ ପାଇଁ ରବ୍‌ୱା ଚାଲି ଆସିଥିଲେ । ଲିଖିତ ପ୍ରବେଶିକା ପରୀକ୍ଷା ପରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ସ୍ୱୟଂ ତାଙ୍କର ମୌଖିକ ପରୀକ୍ଷା ନେଇଥିଲେ ଏବଂ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କର ଶିକ୍ଷା ଅବ୍ୟାହତ ରହିଥିଲା ଏବଂ ସେ ବିଦ୍ୟାଳୟ ଓ ପରେ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ମଧ୍ୟ ସମାପ୍ତ କରିଥିଲେ । ସେଥିଅନ୍ତେ ୧୯୫୫ ମସିହାରେ ତାଲିମୁଲ୍ ଇସ୍‌ଲାମ୍ କଲେଜରେ ସେ ଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ ଏବଂ ପୁନଶ୍ଚ ସେ ରିୟାଜ଼ି (ବୀଜଗଣିତ) ବିଭାଗର ସଭାପତି ଭାବରେ ମଧ୍ୟ ନିଯୁକ୍ତ ହୋଇଥିଲେ । ତାଙ୍କର ବିବାହ ୧୯୬୦ ମସିହାରେ ରଜ଼ିୟା ଖାନମ୍‌ଙ୍କ ସହିତ ହୋଇଥିଲା । ଯିଏ ସର୍‌ଗୋଦାର ଅବ୍‌ଦୁଲ୍ ଜବ୍‌ବାର୍ ଖାନ୍ ସାହେବଙ୍କର ସୁପୁତ୍ରୀ ଥିଲେ । ୧୯୭୪ ମସିହା ପର୍ଯ୍ୟନ୍ତ ତାଙ୍କୁ ଟି.ଆଇ କଲେଜ୍ ରବ୍‌ୱାରେ ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । ଏହାପରେ ହ. ଖଲିଫତୁଲ ମସିହ୍ ସାଲିସ୍ (ତୃତୀୟ) ର.ଅ ତାଙ୍କୁ ନାଜ଼ିର୍ ଜ଼ିୟାଫତ୍ ଭାବରେ ନିଯୁକ୍ତ କରିଥିଲେ । ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ର.ଅ ୧୯୮୨ ମସିହାରେ ତାଙ୍କୁ ତେହ୍‌ରିକେ ଜଦିଦ୍‌ର ୱକିଲୁଲ୍ ଆଲା (ସର୍ବୋଚ୍ଚ ସଚିବ) ଭାବରେ ନିଯୁକ୍ତ କରିଥିଲେ । ତତ୍‌ସହିତ ସେ କିଛି ସମୟ ପର୍ଯ୍ୟନ୍ତ ତେହ୍‌ରିକେ ଜିଦଦ୍‌ର ଅତିରିକ୍ତ ସଭାପତି ରୂପେ ମଧ୍ୟ ସେବା ସମ୍ପାଦନ କରିଥିଲେ । ପୁନଶ୍ଚ ୧୯୮୯ ମସିହାରେ ତେହ୍‌ରିକେ ଜଦିଦ୍‌ର ସଭାପତି ଭାବରେ ମଧ୍ୟ ନିଯୁକ୍ତ ହୋଇଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ନିର୍ବାହ କରିଥିଲେ । ଏହାପରେ ସେ ୧୯୮୬ ମସିହାରୁ ଏଯାବତ୍ ଅତିରିକ୍ତ ନାଜ଼ିର୍ ଆଲା ଭାବରେ ମଧ୍ୟ ଦାୟିତ୍ୱ ତୁଲାଇ ଆସୁଥିଲେ ।

ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ କାଳରେ ତାଙ୍କୁ ସ୍ଥାନୀୟ ଅମୀର୍ ହେବାର ମଧ୍ୟ ସୌଭାଗ୍ୟ ଲାଭ କରିଥିଲେ । ରବ୍‌ୱାରା ସ୍ଥାନୀୟ ମଜ୍‌ଲିସେ ଖୁଦ୍ଦାମୁଲ୍ ଅହେମଦିୟା ଏବଂ କେନ୍ଦ୍ରୀୟ ମଜ୍‌ଲିସେ ଖୁଦ୍ଦାମୁଲ୍ ଅହେମଦିୟାର ବିଭିନ୍ନ ପଦବୀରେ ତାଙ୍କୁ ସେବା କରିବା ସୁଯୋଗ ପ୍ରାପ୍ତ ହୋଇଥିଲା ଏବଂ ଏହାପରେ ୧୯୬୯ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ଖୁଦ୍ଦାମୁଲ୍ ଅହେମଦିୟାର କେନ୍ଦ୍ରୀୟ ସଭାପତି ଭାବରେ ମଧ୍ୟ ସେ ନିଯୁକ୍ତ ହୋଇଥିଲେ । ସେହି କାଳରେ ସମଗ୍ର ପୃଥିବୀରେ

କେବଳ ଗୋଟିଏ କେନ୍ଦ୍ରୀୟ ଖୁଦ୍ଦାମୁଲ୍ ଅହେମଦିୟା କାର୍ଯ୍ୟ କରୁଥିଲା ଏବଂ ପ୍ରତ୍ୟେକ ଦେଶର ଖୁଦ୍ଦାମ୍ ସଂସ୍ଥାକୁ (ପାକିସ୍ତାନର) କେନ୍ଦ୍ରରୁ ହିଁ ପରିଚାଳନା କରାଯାଉଥିଲା, ସେତେବେଳେ ପୃଥକ ପୃଥକ ସଭାପତି ନିଯୁକ୍ତ ହେଉ ନଥିଲେ । ତାଙ୍କ ସଂପର୍କରେ ହ. ଖଲିଫତୁଲ୍ ମସିହ ସାଲିସ୍ ର.ଅ ୧୯୭୦ ମସିହା କେନ୍ଦ୍ରୀୟ ଖୁଦ୍ଦାମୁଲ୍ ଅହେମଦିୟାର ସମ୍ମିଳନୀକୁ ସମ୍ବୋଧିତ କରି କହିଲେ; "ମୁଁ ଜଣେ ନୈଷ୍ଠିକ ବାଳକ ଯାହାକୁ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଶାରୀରିକ ସଂପର୍କ ତ' ନାହିଁ କିନ୍ତୁ ଦୃଢ ଆଧ୍ୟାତ୍ମିକ ସଂପର୍କ ରହିଛି । ଯଦ୍ୱାରା ଅଲ୍ଲାଃତାଲା ତାଙ୍କୁ ଖୁଦ୍ଦାମୁଲ୍ ଅହେମଦିୟାର ସଭାପତି ପଦରେ ଅଧିଷ୍ଠିତ କଲେ ଏବଂ ତାଙ୍କୁ କାର୍ଯ୍ୟ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କଲେ ତଥା ଉକ୍ତ ପ୍ରଚେଷ୍ଟାରେ ବରକତ୍ ପ୍ରଦାନ କଲେ ଏବଂ ଆମମାନଙ୍କର ନଗଣ୍ୟ ପ୍ରାର୍ଥନାକୁ ସ୍ୱୀକାର କଲେ ।"

ସ୍ୱର୍ଗତ ଚୌଧୁରୀ ସାହେବଙ୍କ ସଭାପତିତ୍ୱ କାଳରେ ସୟେଦିନା ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ଇଚ୍ଛାନୁଯାୟୀ ଖୁଦ୍ଦାମୁଲ୍ ଅହେମଦିୟାର ପ୍ରତ୍ୟେକ ବିଭାଗ ପ୍ରତ୍ୟକ୍ଷ ରୂପେ ଉନ୍ନତି କରିଥିଲା । ୧୯୭୪ ମସିହାର ସାଂପ୍ରଦାୟିକତା ମୂଳକ ଜରୁରୀ କାଳୀନ ପରିସ୍ଥିତିରେ ମଧ୍ୟ ସେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଲଣ୍ଡନ ପ୍ରବାସ ପରେ ହୁଜୁର ର.ଅଙ୍କ ଅନୁମତି କ୍ରମେ ଏଠାକୁ ଆସିଲେ ଏବଂ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ଅବସ୍ଥାନ କରିଥିଲେ ଏବଂ ଏଠାରେ ମଧ୍ୟ ଯେଉଁ କେନ୍ଦ୍ରୀୟ ବ୍ୟବସ୍ଥା ରହିଥିଲା ତାହାକୁ ସ୍ଥାପନ ତଥା ସୁସଂଗଠିତ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ୧୯୮୨ ମସିହାରୁ ୧୯୯୯ ମସିହା ପର୍ଯ୍ୟନ୍ତ ଅନ୍‌ସାରୁଲ୍ଲାଃର ସଭାପତି ଭାବରେ ଦାୟିତ୍ୱ ତୁଲାଇ ଥିଲେ । ଜମାଅତ୍ ଅହେମଦିୟାର ଶତବାର୍ଷିକ ସ୍ୱର୍ଣ୍ଣ ଜୟନ୍ତୀର ଯୋଜନା କମିଟିର ମଧ୍ୟ ସେ *ସଭାପତି* ଭାବରେ ଦାୟିତ୍ୱ ତୁଲାଇ ଥିଲେ । ଏହା ପୂର୍ବରୁ ସେ ଶତବାର୍ଷିକ ସ୍ୱର୍ଣ୍ଣ ଜୟନ୍ତୀର ଯୋଜନା କମିଟିର *ସଚିବ* ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୦୩ ମସିହାରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଅକାଳ ବିୟୋଗ ଅବସରରେ ଇନ୍‌ତେଖାବେ ଖିଲାଫତ୍ (ଖଲିଫା ଚୟନ) ସଭାର ସଭାପତିତ୍ୱର ଯଶ ମଧ୍ୟ ଅର୍ଜନ କରିଥିଲେ । ସେ ଆଫ୍ରିକା ଓ ୟୁରୋପ ସମେତ ବିଭିନ୍ନ ଦେଶରେ ୱକିଲେ ଆଲା ଭାବରେ ଗସ୍ତ କରିଥିଲେ । ୧୯୭୩ ମସିହାରେ ସମ୍ମାନନୀୟ ସୟେଦ୍ ମୀର୍ ଦାଉଦ୍ ଅହେମଦ ସାହେବଙ୍କ ବିୟୋଗରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ) ର.ଅ ତାଙ୍କୁ ଅଫିସର ଜଲ୍‌ସା ସାଲାନା ଭାବରେ ନିଯୁକ୍ତ କରିଥିଲେ । ୧୯୭୩ ମସିହାରେ ମୃତ୍ୟୁ ପର୍ଯ୍ୟନ୍ତ ସେ ଅଫିସର ଜଲ୍‌ସା ସାଲାନା ଦାୟିତ୍ୱ ତୁଲାଇ ଥିଲେ । ୧୯୯୧ ମସିହାର କ୍ୱାଦିୟାନର ଜଲସା ସାଲାନାରେ ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ର.ଅ ତାଙ୍କୁ ଅଫିସର୍ ଜଲସା ସାଲାନା ନିଯୁକ୍ତ କରିଥିଲେ । ୧୯୭୭ ମସିହାରେ ତାଙ୍କୁ ରବ୍‌ୱାର ଅଫିସର ଜଲ୍‌ସା ସାଲାନା ବ୍ୟତୀତ ନାଜ଼ିର ଜ଼ିୟାଫତ୍ ଭାବରେ ମଧ୍ୟ ନିଯୁକ୍ତ କରାଯାଇଥିଲା । ୧୯୭୭ ମସିହାରୁ ୧୯୮୭ ମସିହା ପର୍ଯ୍ୟନ୍ତ ସେ ନାଜ଼ିର୍ ଜ଼ିୟାଫତ୍ ଦାୟିତ୍ୱ ଭାର ମଧ୍ୟ ତୁଲାଇ ଥିଲେ ।

ସ୍ୱର୍ଗତ ଚୌଧୁରୀ ସାହେବଙ୍କ ପରିବାର ମଧ୍ୟରେ ତାଙ୍କର ପତ୍ନୀ ରଜ଼ିୟା ଖାନମ୍‌ଙ୍କ ବ୍ୟତୀତ ଏକମାତ୍ର ପୁତ୍ର ଏବଂ ଦୁଇ ପୁତ୍ରୀ ଅନ୍ତର୍ଭୁକ୍ତ ଅଛନ୍ତି । ତାଙ୍କ ପତ୍ନୀ ବର୍ଣ୍ଣନା କରନ୍ତି ଯେ, ବିବାହ ପରେ ମୁଁ ଦେଖିଲି ଯେ, ତାଙ୍କୁ ଯାହାବି ବେତନ ମିଳୁଥିଲା ସେ ସର୍ବ ପ୍ରଥମେ ତହିଁରୁ ଚାନ୍ଦା କାଢି ଦେଉଥିଲେ ଏବଂ ମୋତେ ମଧ୍ୟ ଅନୁପ୍ରେରିତ କରୁଥିଲେ ଯେ, ସର୍ବପ୍ରଥମେ ଚାନ୍ଦା ଦିଅ ଏବଂ ପରେ ଅନ୍ୟାନ୍ୟ ଖର୍ଚ୍ଚ କର ଏବଂ ସେ ମୋତେ ୱସିୟତ୍ କରିବା ପାଇଁ ମଧ୍ୟ ଉତ୍ସାହିତ କରୁଥିଲେ । ସେ ତହଜ୍ଜୁଦ୍ ପ୍ରିୟ ବ୍ୟକ୍ତି ଥିଲେ । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ପାଞ୍ଚବେଳା ନମାଜ୍ ଯଥା ସମୟରେ ପାଠ କରିଛନ୍ତି ।

ପୁନଶ୍ଚ ସେ କହନ୍ତି ଯେ, ଦୋଷତ୍ରୁଟିକୁ ଅଣଦେଖା କରିବା ତାଙ୍କର ସ୍ୱଭାବ ଥିଲା । ଜଣେ ପୁତ୍ରବତ୍ସଳ ପିତା ପରି ଥିଲେ । ସେ କୌଣସି ସଂପର୍କୀୟଙ୍କ ପ୍ରତି କ୍ଷୁବ୍ଧ ହେଉ ନଥିଲେ । ସେ ଶାନ୍ତି ସ୍ଥାପନ ପାଇଁ ସର୍ବଦା ଆଗୁଆ ପ୍ରୟାସ କରୁଥିଲେ ଏବଂ କହୁଥିଲେ ଯେ, **ଅଲ୍ ଇଜ୍ଜତୁ ଲଲ୍ଲାହ ଜମିଁଆ** । ଅର୍ଥାତ ସମସ୍ତ ଯଶ ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ । ନିଜର ଭାଇ ଭଉଣୀ ଏବଂ ଅନ୍ୟାନ୍ୟ ସଂପର୍କୀୟଙ୍କର ସେ ବହୁତ ଯତ୍ନ ନେଉଥିଲେ । ପୁନଶ୍ଚ ତାଙ୍କ ସୁପୁତ୍ରୀ କହନ୍ତି କି ସେ ଆମ ମା'ଙ୍କ ସହିତ କେବେବି ଉଚ୍ଚ ସ୍ୱରରେ କଥା ହେଉ ନଥିଲେ । ପିତାଶ୍ରୀ କେବଳ ଆମର ଜଣେ ପିତା ନଥିଲେ ବରଂ ଆମର ଅନ୍ତରଙ୍ଗ ବନ୍ଧୁ ଏବଂ ସାଙ୍ଗ ଥିଲେ । ପନୁଶ୍ଚ ସେ କହନ୍ତି ଯେ, ସାଧାରଣ ଭାବରେ କହିବାକୁ ଗଲେ ସେ ମୋ ଛୋଟ କୋଠରୀରେ ହିଁ ନମାଜ୍ ତହଜ୍ଜୁଦ୍ ପଢୁଥିଲେ । ସେହି ଅବଧି ମଧ୍ୟରେ ମୋତେ ତାଙ୍କର ଏକ ଦୁଆ ବର୍ତ୍ତମାନ

ପର୍ଯ୍ୟନ୍ତ ସ୍ମରଣ ରହିଛି, ଯାହାକୁ ସେ ବାରମ୍ବାର ପାଠ କରୁଥିଲେ ଯେ, **ଏ କାଦିର୍ ତୱାନା ଆଫାତ୍ ସେ ବଚାନା ।** ଅର୍ଥାତ ହେ ସର୍ବ ଶକ୍ତିମାନ ଈଶ୍ୱର ତୁମ୍ଭେ ମୋତେ ସର୍ବଦା ବିପତ୍ତିରୁ ରକ୍ଷା କର । ପିତାଶ୍ରୀ ଆମମାନଙ୍କ ଲାଗି ପ୍ରାର୍ଥନାର ଉତ୍ସ ଥିଲେ । ହୁଜୁର ଅନୱର୍ ଅ.ବ କହିଲେ ପ୍ରକୃତରେ କହିବାକୁ ଗଲେ ସେ ଜଣେ ନିଷ୍ଠାପର ଉତ୍ସର୍ଗୀକୃତ ସଂଗ୍ରାମୀ ଥିଲେ । ଖାଇବା ପିଇବା ଏବଂ ଶୋଇବା ବ୍ୟତୀତ ବାକିତକ ସମୟ ସେ ଜମାଅତ୍ କାମ କରିବାରେ ବ୍ୟତୀତ କରୁଥିଲେ ଓ ସମୟକୁ କଦାପି ଅପଚୟ କରି ନାହାନ୍ତି । ତାଙ୍କର ସୁପୁତ୍ର ମଧ୍ୟ ଏହା ହିଁ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗତ ପିତାଶ୍ରୀ ସର୍ବଦା ଦୁଇଟି କଥା ଉପରେ ଗୁରୁତ୍ୱ ଦେଉଥିଲେ । ପ୍ରଥମ ନମାଜ୍ ଓ ଉପସ୍ଥିତ ଖଲିଫାଙ୍କ ଖୁତ୍‌ବା କଦାପି ହାତଛଡ଼ା କରିବ ନାହିଁ। ଦ୍ୱିତୀୟରେ ଉପସ୍ଥିତ ଖଲିଫା ଯାହାବି ନିର୍ଦ୍ଦେଶ ଦେଉଛନ୍ତି ତାହା ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ଉଚିତ ।

ହୁଜୁର ଅନୱର୍ ଅ.ବ କହିଲେ : ମୁଁ ଯେତେବେଳେ ସମସ୍ତ ନାଜିର୍, ୱକଲାଙ୍କୁ ବାହାର ଜମାଅତ୍‌କୁ ଗସ୍ତ କରି ଲୋକମାନଙ୍କୁ ଭେଟି ସେମାନଙ୍କ ନିକଟରେ ଇସ୍‌ଲାମ୍‌ର ବାର୍ତ୍ତା ପହଞ୍ଚାଇବାର ନିର୍ଦ୍ଦେଶ ଦେଲି ସେତେବେଳେ ଚୌଧୁରୀ ସାହେବ ବି ଗସ୍ତରେ ବାହାରିଗଲେ । ସେ ନିଜ ଅଧୀନସ୍ଥ କର୍ମଚାରୀମାନଙ୍କୁ ଏହା କହୁଥିଲେ ଯେ, କାର୍ଯ୍ୟାଳୟ ପ୍ରସଙ୍ଗରେ ଯେକୌଣସି ଦୋଷ ତ୍ରୁଟି, ମାର୍ଗଦର୍ଶିକା ଥାଏ ତେବେ ତାହା ହଜ଼ରତ ଖଲିଫତୁଲ୍ ମସିହ୍‌ଙ୍କ ଦୃଷ୍ଟିଗୋଚରକୁ ଅଣାଯିବା ଉଚିତ୍ । ଏହା ଦ୍ୱାରା ଆମ ଦୋଷତ୍ରୁଟିର କ୍ଷମାଯାଚନା ପାଇଁ ଦୁଆ ହୋଇଯାଇଥାଏ ଏବଂ ସଂସ୍କାରର ମଧ୍ୟ ହୋଇ ଯାଇଥାଏ । ପୁନଶ୍ଚ ଆଉ କେତେବେଳେ ଯଦି ଜମାଅତ୍‌ର ସଦସ୍ୟ ତାଙ୍କୁ କହୁଥିଲେ କି ଆଜି ଆମକୁ କୌଣସି ଉଦ୍‌ବୋଧନ ଦିଅନ୍ତୁ । ତେବେ ସେ ଅସ୍ୱୀକାର କରି ଦେଉଥିଲେ ଏବଂ କହୁଥିଲେ ଯେ, ମୋତେ ଯେଉଁ କଥାର ଆଦେଶ ଦିଆଯାଇଛି ମୁଁ ସେହି କଥା କରିବି ।

ଲଇକ୍ ଆବିଦ୍ ସାହେବ୍ ଉଲ୍ଲେଖ କରିଛନ୍ତି ଯେ, ସେ ଛୋଟ ଛୋଟ ପ୍ରସଙ୍ଗରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଥିଲେ । ଯେକୌଣସି ଚିଠା ବା ବିଲକୁ ସଂପୂର୍ଣ୍ଣ ରୂପେ ପାଠ କରି ସାରିବା ପରେ ହିଁ ହସ୍ତାକ୍ଷର କରୁଥିଲେ ଏବଂ ଏହା ଅଫିସରମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଚିଠା ବା ବିଲ୍‌କୁ ସଂପୂର୍ଣ୍ଣ ରୂପେ ଦେଖି (ତନଖି) ସାରିବା ପରେ ହିଁ ହସ୍ତାକ୍ଷର କରନ୍ତୁ । ନଦେଖି ହସ୍ତାକ୍ଷର କରନ୍ତୁ ନାହଁ । ସର୍ବଦା ସମୟାନୁବର୍ତ୍ତି ରୁହନ୍ତୁ ଏବଂ ପ୍ରତ୍ୟେକ କାର୍ଯ୍ୟ ଯଥା ସମୟରେ ହିଁ କରିବା ତାଙ୍କର ଅଭ୍ୟାସ ଥିଲା ଯେ, ସେ ଅଶ୍ୱ କିମ୍ବା ବାହାନ ଉପରେ ଆରୋହଣ ହୋଇ ଯେଉଁଭଳି ଚାହୁଁଥିଲେ ସେମିତି ତାହାର ଦିଗ ପରିବର୍ତ୍ତନ କରି ନେଉଥିଲେ । ଏତେ ସମୟାନୁବର୍ତ୍ତି ସତ୍ତ୍ୱେ ମଧ୍ୟ ସେ ସଦ୍‌ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଉଥିଲେ । ମସ୍‌ଜିଦ୍‌ରେ ଯେତେବେଳେ ସେ ନମାଜ୍ ପଢିବାକୁ ଯାଉଥିଲେ ସେତେବେଳେ ଈଶ୍ୱରଙ୍କ ପ୍ରଶଂସା ଜପ କରିବାରେ ମଜ୍ଜି ରହୁଥିଲେ । ସମିଉଲ୍ଲାଃ ସାହେବ କହନ୍ତି, ନିଜର ଗୁଣାବଳୀ ଦୃଷ୍ଟିରୁ ସେ ଜଣେ ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଜଣେ ସହାନୁଭୂତି ସଂପନ୍ନ, ସାହସୀ ଏବଂ ସର୍ବଦା ଧର୍ମ ସେବା କରିବାକୁ ତତ୍ପର ରହୁଥିଲେ ଓ ସେ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ତାଙ୍କର ଆଉ ଏକ ବିଶେଷ ଗୁଣାବଳୀ ଏହା ଥିଲା ଯେ, ନୂତନ ୱାକ୍‌ଫିନ୍‌ମାନଙ୍କୁ ଅତି ସୁନ୍ଦର ଭାବରେ ସଂସ୍କାର କରୁଥିଲେ ।

ହଲିମ୍ କୁରୈଶୀ ସାହବେ କହନ୍ତି ଯେ, ପ୍ରଶାସନିକ ବିଷୟରେ ଓ ଆର୍ଥିକ ପ୍ରସଙ୍ଗରେ ତାଙ୍କର ଗଭୀର ଦକ୍ଷତା ରହିଥିଲା । ସେ କଦାପି ଅବ୍ୟବସ୍ଥାକୁ ପସନ୍ଦ କରୁ ନଥିଲେ, ନା ସହ୍ୟ କରୁଥିଲେ । ସେ ଆର୍ଥିକ ପ୍ରସଙ୍ଗରେ ଗଭୀର ଦୃଷ୍ଟି ନିବଦ୍ଧ ରଖୁଥିଲେ ଏବଂ ମୂଲ୍ୟ ସଂକ୍ରାନ୍ତରେ ମଧ୍ୟ ଅପଡ଼େଟ୍ ନେଉଥିଲେ । କୌଣସି ବିଲ୍ ଆସୁଥିଲା, ଯଦି ତହିଁରେ ଦଶ ଟଙ୍କା ଅଧିକ ହେଉଥିଲା ତେବେ ସେ ଉକ୍ତ ପ୍ରସଙ୍ଗରେ ପ୍ରଶ୍ନ ଉତ୍ଥାପିତ କରୁଥିଲେ ଯେ, ଅମକ ଦୋକାନରେ ଏହି ବସ୍ତୁର ମୂଲ୍ୟ ତ' ୧୦୦ ଟଙ୍କା ରହିଛି, ଆଉ ଆପଣ କ'ଣ ୧୧୦ ଟଙ୍କା ଖର୍ଚ୍ଚ କରିଛନ୍ତି । ଲଣ୍ଡନ୍‌ର ୱକିଲୁତ୍ ତବ୍‌ଶୀର ମାଜିଦ୍ ତାହିର୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ତାଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଧର୍ମ ସେବାରେ ହିଁ ଅତିବାହାତି ହୋଇଥିଲା । କାର୍ଯ୍ୟାଳୟ ସଂପର୍କିତ ବିଭିନ୍ନ ପ୍ରସଙ୍ଗର କାର୍ଯ୍ୟାନୁଷ୍ଠାନରେ ଉପସ୍ଥିତ ଖଲିଫାଙ୍କ ତରଫରୁ ଯାହା ବି ଆଦେଶ ହସ୍ତଗତ ହେଉଥିଲା ତାହାକୁ ଚୌଧୁରୀ ସାହେବଙ୍କୁ ପ୍ରେରଣ କରାଯାଉଥିଲା । ସେ ତ୍ୱରିତ ଭାବରେ ତାହା ଉପରେ ପଦକ୍ଷେପ

ଗ୍ରହଣ କରୁଥିଲେ । ନିଃସନ୍ଦେହ ରୂପେ ତାଙ୍କର ବସିବା, ଉଠିବା, ଚଳପ୍ରଚଳ କରିବା, କଥା ହେବା ଓ ନୀରବ ରହିବା ଖଲିଫାଙ୍କ ଅଧୀନ ଥିଲା । ଯେଉଁ ବ୍ୟକ୍ତିମାନେ ନିୟମଗୁଡ଼ିକୁ ଉପସ୍ଥିତ ଖଲିଫାଙ୍କ କହିବା ଠାରୁ ବି ଉର୍ଦ୍ଧ୍ୱ ବୋଲି ମନେ କରନ୍ତି, ଆଜ୍ଞା ନିୟମାବଳୀଗୁଡ଼ିକ ଉଲ୍ଲିଖିତ ହୋଇଛି, ଜମାଅତ୍ ତାହାରି ଉପରେ କାର୍ଯ୍ୟାନୁସରଣ କରିବା ଉଚିତ । ସେ ସର୍ବଦା ଏହା କହୁଥିଲେ ଯେ, ଉପସ୍ଥିତ ଖଲିଫା ଆମମାନଙ୍କୁ ଯାହା ପରାମର୍ଶ ଏବଂ ନିର୍ଦ୍ଦେଶ ଦିଅନ୍ତି ତାହା ଉପରେ କାର୍ଯ୍ୟାନୁସରଣ କରିବା ଉଚିତ । ଏହା ହିଁ ଆପଣମାନଙ୍କ ପାଇଁ ମାର୍ଗଦର୍ଶିକା ଅଟେ ।

ମୁବାରକ୍ ସିଦ୍ଦିକି ସାହାବ କହନ୍ତି ଯେ, ଟି.ଆଇ କଲେଜ୍ କର୍ତ୍ତୃପକ୍ଷଙ୍କ ସହିତ ମିଟିଂ କରି ନିଅନ୍ତୁ । ମୁଁ ଯାଇ ଚୌଧୁରୀ ସାହେବଙ୍କୁ କହିଲି ଯେ, ଅଲ୍ଲାଃତାଲା ଆପଣଙ୍କୁ ସେବା କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଏବଂ ବହୁତ ବଡ଼ ସମ୍ମାନର ସହିତ ସମ୍ମାନିତ କରିଛନ୍ତି । ଆମକୁ ବି ଆପଣ ସେହି ସଫଳତାର ମନ୍ତ୍ର ସଂପର୍କରେ କିଛି କୁହନ୍ତୁ ଏବଂ କିଛି ଉପଦେଶ ଦିଅନ୍ତୁ । ଅତଏବ ସେ କହିବାକୁ ଲାଗିଲେ ଯେ, ସେହି ରହସ୍ୟ କେବଳ ଗୋଟିଏ ରହିଛି ଏବଂ ତାହା ହେଉଛି ଯେ, **ନିଜ ବୁଦ୍ଧି ଓ ଜ୍ଞାନକୁ ତୁଚ୍ଛ ଓ ଅସାର ମଣି ଆଖି ବନ୍ଦ କରି ଉପସ୍ଥିତ ଖଲିଫାଙ୍କର ଆଜ୍ଞାବହତା ସ୍ୱୀକାର କରନ୍ତୁ ତଥା ଆଜ୍ଞା ପାଳନ କରନ୍ତୁ ଏବଂ ଏଭଳି ଆଜ୍ଞା ପାଳନ କରନ୍ତୁ ଯେପରି ଆପଣଙ୍କର ହୃଦୟ ଏହା ସାକ୍ଷ୍ୟ ଦେବ ଯେ, ମୁଁ ଆଜ୍ଞାକାରୀତାର ଅଧିକାରକୁ ଚରିତାର୍ଥ କରିବା ପାଇଁ ଭରପୁର ପ୍ରୟାସ କରିଛି ।**

ହୁଜୁର ଅନୱର୍ ଅ.ବ କହିଲେ ଅଲ୍ଲାଃତାଲା ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନିତ କରନ୍ତୁ ଏବଂ ଖିଲାଫତ୍‌କୁ ଏହିପରି ସୁଲ୍‌ତାନେ ନସୀର୍ (ସର୍ବଶ୍ରେଷ୍ଠ ସହାୟକ) ମିଳୁଥାଉ । ପାକିସ୍ତାନର ବିଷମ ପରିସ୍ଥିତି ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ ଏବଂ ଅଲ୍ଲାଃତାଲା ଯଥାଶୀଘ୍ର ସେଠାକାର ପରିସ୍ଥିତିରେ ସୁଧାର ଆଣନ୍ତୁ ଏବଂ ଅହେମଦିମାନଙ୍କୁ ସ୍ୱାଧୀନତାର ସହିତ ଜୀବନଯାପନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି ମୁଁ ତାହା ମଧ୍ୟ କହି ଦେବାକୁ ଚାହୁଁଛି ଯେ, ପୃଥିବୀରେ ଏ ଯେଉଁ କରୋନା ଭୂତାଣୁ ବ୍ୟାପିଛି ଏହି ପରିସ୍ଥିତିରେ ଯେଉଁ ଅହେମଦିମାନଙ୍କୁ ସଠିକ୍ କର୍ତ୍ତବ୍ୟ ନିର୍ବାହ କରିବାର ଏବଂ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ତାହା ସେମାନେ ସଠିକ୍ ରୂପେ ନିର୍ବାହ କରୁ ନାହାନ୍ତି । ନା ୟୁ.କେରେ, ନା ଆମେରିକାରେ, ନା ପାକିସ୍ତାନରେ, କି ଅନ୍ୟ କୌଣସି ରାଷ୍ଟ୍ରରେ ମଧ୍ୟ ସତର୍କତା ଅବଲମ୍ବନ କରାଯାଉ ନାହିଁ । ଅତଏବ ସଂପୂର୍ଣ୍ଣ ରୂପେ ମାସ୍କ ଆଦି ପରିଧାନ କରିବା ଉଚିତ । ନାଶିକାକୁ (ନାକକୁ) ଭଲ ଭାବରେ ଆବୃତ୍ତ ରଖିବା ଉଚିତ ନା କି ବେକରେ ମାସ୍କ ଲଗାଇ ରଖନ୍ତୁ । ଯଦି ଏହିଭଳି ଆଚରଣ ପ୍ରଦର୍ଶନ କରାଯାଏ ତାହାହେଲେ ମାସ୍କ ପିନ୍ଧିବା କୌଣସି ଫଳପ୍ରଦ ହେବ ନାହିଁ । ପୁନଶ୍ଚ ସରକାରଙ୍କ ଯେଉଁ ଗାଇଡ୍ ଲାଇନ୍ ଏବଂ ନିୟମାବଳୀ ରହିଛି ଯେ, ପରସ୍ପର ମଧ୍ୟରେ ପାଖା ପାଖି ଛିଡ଼ା ହୋଇ ସାକ୍ଷାତ କିମ୍ବା କଥାବାର୍ତ୍ତା ହେବା ଅନୁଚିତ ଏବଂ ସାମଜିକ ଦୂରତା ତଥା ବ୍ୟବଧାନ ରକ୍ଷା କରିବା ଉଚିତ । ଅନ୍ୟଥା ଏହିପରି ଭାବରେ ଏହି ଭୂତାଣୁଟି ଗୋଟିଏ ଲୋକରୁ ଅନ୍ୟ ବ୍ୟକ୍ତିକୁ ବ୍ୟାପିଥାଏ । ଏହା ମଧ୍ୟ ଚେଷ୍ଟା କରିବା ଉଚିତ ଯେ, ଅଯଥା ପଦାରେ ବୁଲାବୁଲି କରନ୍ତୁ ନାହିଁ । ୟୁରୋପରୁ ପାକିସ୍ତାନ ଯିବାକୁ ପରିହାର କରିବା ଉଚିତ୍ । ଆଜିକାଲି ଅତି କମରୁ କମ୍ ଯାତ୍ରା କରନ୍ତୁ ଏବଂ ଅଯଥା ଯାତ୍ରା କରିବାରୁ ନିବୃତ୍ତ ରହିବା ଉଚିତ । ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲା ଉକ୍ତ ବ୍ୟାଧିକୁ ଯଥାଶୀଘ୍ର ଦୂରୀଭୂତ କରନ୍ତୁ ଏବଂ ଯେଉଁ ଅହେମଦିମାନେ ଅସୁସ୍ଥ ଅଛନ୍ତି କିମ୍ବା ଯେଉଁମାନେ ଅହେମଦି ନାହାନ୍ତି ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ରୋଗରୁ ଆରୋଗ୍ୟ ପ୍ରଦାନ କରନ୍ତୁ । ନମାଜ଼ ପରେ ମୁଁ **ଇନ୍‌ଶାଅଲ୍ଲାଃ** ଚୋଧୁରୀ ସାହେବଙ୍କର ନମାଜ଼୍ ଯନାଜ଼ାଃ ଗାଏବ୍ ପଢେଇବି ।

........................

KHULASA KHUTBA JUMA HUZOOR ANWAR a.b.a

12th Feb. 2021